## ସଂକ୍ଷେପରେ

### ବିରଞ୍ଚି ନାରାୟଣଙ୍କ ରଥଯାତ୍ରା

ବୁଗୁଡ଼ା,୪।୨ (କାଳିଚରଣଦାଶ)

ବୁଗୁଡା ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ତିଳ ସପ୍ତମୀ ଉପଲକ୍ଷେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପ୍ରତ୍ୟୁଷରୁ ମଙ୍ଗଳ ଆଳତି ଏବଂ ଅବକାଶ ନୀତି ପରେ ବିରଞ୍ଚି ନାରାୟଣ ଠାକୁରଙ୍କ ସ୍ୱତନ୍ତ୍ର ବେଶ ହୋଇଥିଲା । ମନ୍ଦିର ପୁରୋହିତ ଚିତ୍ତ ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚିନ୍ମୟ ଦାଶ, ବୈଷ୍ଣବ ଚରଣ ଦାଶ, ଶ୍ରୀକାନ୍ତ ମିଶ୍ର ଓ ସୁବାସ ଦାଶ ରଥ ପ୍ରତିଷ୍ଠା ସହ ହୋମ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ରୂପେ ମଠାଧୀଶ ଭକ୍ତରାମ ଦାସ ଉପସ୍ଥିତ ଥିଲେ। ସନ୍ଧ୍ୟା ଆଳତି ପରେ ମନ୍ଦିର ପରିସରରେ ଥିବା ବିରଞ୍ଚି ନାରାୟଣଙ୍କ ଚଳନ୍ତି ବିଗ୍ରହକୁ ରଥରେ ବିଜେ କରାଯାଇଥିଲା। ଘଣ୍ଟ ଓ ମୃଦଙ୍ଗ ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ସେଠାରେ ଶ୍ରୀବିଗ୍ରହକୁ ଭୋଗ ଓ ଆଳତି ଅର୍ପଣ କରାଯିବା ପରେ ପୁଣି ସ୍ୱସ୍ଥାନକୁ ଅଣାଯାଇଥିଲା। ପୂଜକ ଉମାକାନ୍ତ ଦାଶ ଓ ବଳରାମ ପାଢୀ ସହଯୋଗ କରିଥିଲେ । ରଥଯାତ୍ରାରେ ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା ।

### ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଆସିକା,୪।୨(ସୁରେନ୍ଦ୍ରନାଥ ସାହୁ)

ଆସିକାସ୍ଥିତ ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଅଶ୍ୱିନୀ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟ ଅତିଥି, ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ମୁଖ୍ୟବକ୍ତା, ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରଫେସର ବସନ୍ତ କୁମାର ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ପାଢୀ, ଅବସରପ୍ରାପ୍ତ ବେଦ ପ୍ରଫେସର ଉମେଶ ପ୍ରସାଦ ଦାସ, ବ୍ରହ୍ମପୁର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ହରିହର ଦାସ, ପୂର୍ବତନ ପରିଚାଳନା ସଭାପତି ସୁରେନ୍ଦ୍ରନାଥ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ସୁରକ୍ଷା ଲାଗି ସମସ୍ତେ ଯତ୍ନବାନ ହେବା ଲାଗି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ରୀ ତୁଳସୀ ବିଶ୍ୱାଳ, ସୌମ୍ୟ ସୌରଭ ରାଉଳ ଓ ଶ୍ରୁତି ମହାନ୍ତି ଓ ଶୁଭମ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ସନାତନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଆକ୍ରମଣ ଅଭିଯୋଗରେ ଜଣେ କୋର୍ଟଚାଲାଣ

ଗୋପାଳପୁର,୪।୨(ନବୀନ ରାଜ ଆଚାରୀ): ଧାରୁଆ ଅସ୍ତ୍ର ଓ ପଥରରେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳବାର ଗୋଳନ୍ଥରା ଥାନା ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ହଳଦିଆପଦର ଗ୍ରାମର ସୁମନ ଦାସ (୨୦) । ଘଟଣା ପରଠାରୁ ସୁମନ ଫେରାର ଥିଲେ। ମଙ୍ଗଳବାର ଗ୍ରାମରେ ଥିବା ବେଳେ ପୋଲିସ ଖବର ପାଇ ଚଢ଼ାଉ କରି ତାଙ୍କୁ ଧରିଛି। ସୂଚନାନୁସାରେ ଗତ ୨୯ ତାରିଖ ସନ୍ଧ୍ୟାରେ ହଳଦିଆପଦର ଗ୍ରାମର ଆଶିଷ କୁମାର ପଣ୍ଡା ଗାଡିରେ ଗ୍ରାମକୁ ଆସୁଥିବା ବେଳେ ରେଳଫାଟକ ନିକଟରେ ସୁମନ ତାଙ୍କୁ ଅଟକାଇ ଗାଳି ଗୁଲଜ କରିଥିଲେ। ପରେ ସୁମନଙ୍କ ସମେତ ପାଞ୍ଚ ଜଣ ମିଶି ଧାରୁଆ ଅସ୍ତ୍ର ଓ ପଥରରେ ଆଶିଷଙ୍କୁ ଆକ୍ରମଣ କରି କରି ସୁନା ମୁଦି, ଚେନ ଓ ୧୦ ହଜାର ଟଙ୍କା ଛଡେଇ ନେଇଥିବା ଆଶିଷ ଥାନାରେ ଅଭିଯୋଗ କରିଥିଲେ।

# ସଚେତନ ହେଲେ କର୍କଟମୁକ୍ତ ଭାରତ ସମ୍ଭବ

ବ୍ରହ୍ମପୁର,୪।୨(ସୁବାସ ଚନ୍ଦ୍ର ପାଢ଼ୀ)




ବିଶ୍ୱ କର୍କଟ ଦିବସ ଅବସରରେ ସାମାଜିକ ଅନୁଷ୍ଠାନ କ୍ରାନ୍ତି ଓ ବିଶାଖାପାଟଣା ମହାତ୍ମା ଗାନ୍ଧୀ କ୍ୟାନସର ହସ୍ପିଟାଲ ପକ୍ଷରୁ ମିଳିତ ଭାବେ ବ୍ରହ୍ମପୁରରେ ମଙ୍ଗଳବାର ୱାକାଥନ କରାଯାଇଥିଲା । ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଖେଳ ପଡିଆରୁ ୱାକାଥନ ବାହାରିବା ପୂର୍ବରୁ କ୍ରାନ୍ତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଦେବାନନ୍ଦ ଦାଶଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ହୋଇଥିଲା। ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଏମ୍‌ସି ମେୟର ସଂଘମିତ୍ରା ଦଳେଇ, ପୂର୍ବତନ କାଜୁ ନିଗମ ଅଧକ୍ଷ ସୁବାସ ମହାରଣା, ମହାତ୍ମା ଗାନ୍ଧୀ କ୍ୟାନସର ହସ୍ପିଟାଲର ଅଙ୍କୋଲଜୀ ଡାକ୍ତର କାହ୍ନୁ ଚରଣ ପାତ୍ର, ବ୍ରହ୍ମପୁରର ବରିଷ୍ଠ ମଧୁମେହ ଡାକ୍ତର ସୁନିଲ କୋଟା, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଟିବି ଓ ଚେଷ୍ଟର ଆସୋସିଏଟ ପ୍ରଫେସର ଡାକ୍ତର ପ୍ରିୟଜିତ ଜେନା, ମନୁ ସେନାର ଚେୟାରପର୍ସନ ମୀନା ଦ୍ୟାନ ସାମନ୍ତରାୟ, ସାମନ୍ତରାୟ ଏକାଡେମୀର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ଓ ଆଇଟିଆଇ ଅଧକ୍ଷ ଇଂ. ରଞ୍ଜନ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ କର୍କଟର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ । କ୍ରାନ୍ତି ଅନୁଷ୍ଠାନର ଡ.ଦେବାନନ୍ଦ ଦାଶ କହିଥିଲେ ଯେ, ଠିକ ସମୟରେ ଚିକିତ୍ସା କଲେ ନିଶ୍ଚିତ ଭାବେ ଏହି ରୋଗରୁ ମୁକ୍ତି ମିଳିବ। ଆମେ ସମସ୍ତେ ସଚେତନ ହେଲେ କର୍କଟମୁକ୍ତ ଭାରତ ସମ୍ଭବ ବୋଲି ସେ କହିବା ସହିତ ସମସ୍ତଙ୍କୁ ତମାଖୁ ଛାଡ଼ି ଜୀବନ ବଞ୍ଚାନ୍ତୁ ଶପଥ କରାଇଥିଲେ ।

**ପଦଯାତ୍ରାରେ କ୍ରାନ୍ତିର ବାର୍ତ୍ତା**

ପଦଯାତ୍ରାରେ ବିଭିନ୍ନ ଅନୁଷ୍ଠାନର ପ୍ରାୟ ୧୮୦୦ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ । ଭାଜପା ନେତା ରାମ ସାମଲ, କ୍ରାନ୍ତି ଅନୁଷ୍ଠାନର ଦେବରାଜ ରାଉତ, ନିର୍ମଳା ଦାଶ, ଅରୁଣ ପଟ୍ଟନାୟକ, ଚର୍ଚ୍ଚିକା ଦାଶ, ଚିନ୍ମୟାନନ୍ଦ ଦାଶ, ବି. ସଂଜୟ ପାତ୍ର, ଆଶିଷ ବେହେରା, ଦିଲେଶ ରାଓ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଆଇଟିଆଇ ର ରତିକାନ୍ତ ପରିଡ଼ା , ଟୁଟୁ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ ।

# ୧୩୧୬ ଶ୍ରମିକଙ୍କୁ ଶିକ୍ଷା ସହାୟତା ପ୍ରଦାନ

ବ୍ରହ୍ମପୁର,୪।୨(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସଂସ୍କୃତି ଭବନଠାରେ ଗଞ୍ଜାମ (ବ୍ରହ୍ମପୁର) ଶ୍ରମ ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଥିଲେ ଯେ, ନିର୍ମାଣ ଶ୍ରମିକଙ୍କ ସନ୍ତାନସନ୍ତତିଙ୍କ ପାଠ ପଢିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଦିଆଯାଉଛି। ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଶ୍ରମିକଙ୍କୁ ଦୁର୍ଘଟଣା ଜନିତ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ୧୩୧୬ ଜଣ ଶ୍ରମିକଙ୍କୁ ୯୪ ଲକ୍ଷ ୪୭ ହଜାର ୨୦୦ ଟଙ୍କା ଶିକ୍ଷା ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ୮୮୨ ଜଣଙ୍କୁ ବିବାହ ସହାୟତା ଓ ୯ ଜଣଙ୍କୁ ପ୍ରସୂତିକାଳୀନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଶ୍ରମ କମିଶନର ସୁମିତ୍ରା ମାଝି, ଜିଲା ଶ୍ରମ ଅଧିକାରୀ ଆକାଶ ବିଶୋୟୀ, ଆସିକା ସହକାରୀ ଶ୍ରମ ଅଧିକାରୀ ବି ହୃଷିକେଶ ରାଓ, ଭଞ୍ଜନଗର ସହକାରୀ ଶ୍ରମ ଅଧିକାରୀ ସୁରତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଅତିଥିଙ୍କ ଦ୍ୱାରା ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ଚର୍ଚ୍ଚ ରୋଡରୁ ଉଠାଦୋକାନୀଙ୍କୁ ଉଚ୍ଛେଦ



ଚର୍ଚ୍ଚ ରୋଡରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ବ୍ରହ୍ମପୁର,୪।୨(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ମଙ୍ଗଳବାର ଚର୍ଚ୍ଚ ରୋଡଠାରେ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ସହରର ମୁଖ୍ୟ ଛକଗୁଡିକରେ ଉଠା ଦୋକାନ ସଂଖ୍ୟା ବୃଦ୍ଧି କାରଣରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯାହାକୁ ନେଇ ବାରମ୍ବାର ଅଭିଯୋଗ ପରେ ବିଭାଗ ତତ୍ପରତା ଦେଖାଇଛି। ମଙ୍ଗଳବାର ଚର୍ଚ୍ଚ ରୋଡରୁ ପ୍ରାୟ ୩୦ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ବଡବଜାର, ସିଟି ହସ୍ପିଟାଲ ରୋଡ, ଗେଟ ବଜାର ଓ ଗିରି ମାର୍କେଟ ଭଳି ଅଞ୍ଚଳରେ ରାସ୍ତା ପାର୍ଶ୍ୱକୁ ଜବରଦଖଲ କରି ରଖିଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ବିଗତ ଦିନରେ ବିଜିପୁର ସନ୍ତୋଷୀ ମା’ ମନ୍ଦିର ନିକଟରେ ରାସ୍ତା ଉପରେ ବ୍ୟବସାୟ କରୁଥିବା ଜଣେ ମହିଳା ନଡିଆ ବ୍ୟବସାୟୀଙ୍କ କାର ଧକ୍କାରେ ମୃତ୍ୟୁ ଘଟିଥିଲା। ଏହାପରଠାରୁ ବିଏମସି ପକ୍ଷରୁ ରାସ୍ତାପାର୍ଶ୍ୱ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। କିନ୍ତୁ ପରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଚାପରେ ଆସି ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରହିଥିଲା। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଟ୍ରାଫିକ ସମସ୍ୟା ବଢ଼ିଥିଲା। ବର୍ତ୍ତମାନ ପୁଣି ଥରେ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଛନ୍ତି। ଏଭଳି ଭାବେ ସହରର ବିଭିନ୍ନ ଅଞ୍ଚଳରେ ଜବର ଦଖଲ ଉଚ୍ଛେଦ ପାଇଁ ଦାବି ହୋଇଛି।

### ନୂଆ ୩୩ କେଭି ଲାଇନ ସଂଯୋଗ

ବ୍ରହ୍ମପୁର,୪।୨(ସ୍ମୃତି ରଞ୍ଜନ ମହାଲିକ): ସହରରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ପାଇଁ ଟିପିଏସଓଡିଏଲ ପକ୍ଷରୁ ଆମ୍ବଗଡ ଗ୍ରୀଡଠାରେ ସବ ଷ୍ଟେଶନରୁ ନୀଳକଣ୍ଠନଗର ପ୍ରାଇମେରୀ ସବଷ୍ଟେଶନ ୩.୯ କି.ମି. ଯାଏ ଯାଏ ନୂତନ ଭାବେ ୩୩ କେଭି ବିଦ୍ୟୁତ୍ ଲାଇନ ସଂଯୋଗ କରାଯାଇଛି। ଏହାଦ୍ୱାରା ପ୍ରାୟ ୫୧ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଗୁଣାତ୍ମକ ବିଜୁଳି ସେବା ପାଇବେ। ଆଗାମୀ ଖରାଦିନ, ଜନବହୁଳ ଅଞ୍ଚଳ ଓ ବ୍ୟବସାୟିକ କେନ୍ଦ୍ର ଗୁଡିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ନୂତନ ଭାବେ ସଂଯୋଗ ହୋଇଥିବା ବିଦ୍ୟୁତ ଲାଇନ ଗାନ୍ଧୀନଗର, ବିଜିପୁର, ଗୋସାଣୀ ନୂଆ ଗାଁ, କନିଷି, ହଳଦିଆପଦର, ସାନ ବଜାର, ବଡ ବଜାର, ହାଉସିଂ ବୋର୍ଡ, ପୁରୁଣା ବ୍ରହ୍ମପୁର ଓ ଆସ୍କା ରୋଡ ଅଂଚଳକୁ ବିଶ୍ୱସନୀୟ ସେବା ଯୋଗାଉଛି। ଦକ୍ଷିଣ ଓଡିଶାରେ ସୁରକ୍ଷିତ, ସ୍ଥାୟୀ ଓ ଗ୍ରାହକ କୈନ୍ଦ୍ରିକ ବିଜୁଳି ସେବା ଯୋଗାଇବା ଦିଗରେ କଂପାନୀ ପ୍ରତିବଦ୍ଧ ରହିଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଭରସାଯୋଗ୍ୟ, ବିଜୁଳି ଯୋଗାଣ କଂପାନୀର ମିଶନ। ସମର୍ପିତ ଭାବନା ନେଇ ଲକ୍ଷ୍ୟ ହାସଲ ଦିଗରେ ନିରନ୍ତର ପ୍ରୟାସ କରାଯାଉଛି। ନୂତନ ବିଦ୍ୟୁତ୍ ଲାଇନ ସଂଯୋଗ ହେବା ପରେ ସହରର ବ୍ୟବସାୟିକ କେନ୍ଦ୍ରକୁ ସ୍ଥାୟୀ ଓ ସୁରକ୍ଷିତ ବିଜୁଳି ଯୋଗାଇ ଦିଆଯିବ। ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଉପଭୋକ୍ତାଙ୍କ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ କରିବା ପାଇ ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତିକରଣ ଏବଂ ସୁଦୃଢ଼ୀକରଣ ଉପରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ସେ କହିଛନ୍ତି।

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ତ୍ୟାଗ ଚିରସ୍ମରଣୀୟ

ବ୍ରହ୍ମପୁର,୪।୨(ସ୍ମୃତି ରଞ୍ଜନ ମହାଲିକ)



ପୂଜ୍ୟ ପୂଜା ସମିତି ପକ୍ଷରୁ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୧ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସଂଘ ପକ୍ଷରୁ ଗାନ୍ଧିନଗର ଛକସ୍ଥିତ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲିକଙ୍କ ଅଧକ୍ଷତାରେ ସ୍ମୃତିସଭା ହୋଇଥିଲ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ମଧୁସୂଦନ ଦାସଙ୍କ ବଳିଷ୍ଠ ନେତୃତ୍ୱ, ସଂଗଠନ ଓ ତ୍ୟାଗ ବଳରେ ୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହୋଇପାରିଲା। ନିଜର ଉଚ୍ଚାଦର୍ଶ ଓ ମହତ ଲକ୍ଷ୍ୟ ପରିପୂରଣ ନିମନ୍ତେ ଆତ୍ମୋତ୍ସର୍ଗ କରିବା ତାଙ୍କର ନୀତି ଥିଲା। ସେ ଅନେକ ଦେଶାତ୍ମବୋଧକ ସଂଗୀତ ରଚନା କରିଥିଲେ। ଜାତି, ଯଜ୍ଞ କୁଣ୍ଡରେ ଆପଣାର ସମସ୍ତ ସ୍ୱାର୍ଥକୁ ନୈବେଦ୍ୟ ରୂପେ ସମର୍ପଣ କରିଦେବାକୁ ଦେଶବାସୀଙ୍କୁ ଅଧିକାଂଶ ଗୀତରେ ଆହ୍ୱାନ ଦେଇଥିଲେ। କୂଳବୃଦ୍ଧ ମଧୁସୂଦନ ଦାସ ଚିର ସ୍ମରଣୀୟ ରହିବେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ସମିତି ସମ୍ପାଦକ ଏସ ସାମ୍ବାଶିବା ରାଓ, ଅବନୀ ଗୟାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ତିଳସପ୍ତମୀ ବୁଡ଼ ପାଇଁ ବେଳାଭୂମିରେ ଭିଡ଼

ବ୍ରହ୍ମପୁର,୪।୨(ସୁବାସ ଚନ୍ଦ୍ର ପାଢ଼ୀ):



ଗୋପାଳପୁର ବେଳାଭୂମିରେ ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତଥା ତିଳ ସପ୍ତମୀରେ ମଙ୍ଗଳବାର ଭୋରରେ ପ୍ରବଳ ଭିଡ଼ ହୋଇଥିଲା। ବିଶେଷ କରି ମହିଳାମାନେ ସମୁଦ୍ରରେ ସ୍ନାନ ଅର୍ଥାତ ବୁଡ଼ ପକାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିଲେ। ସୋମବାର ମଧ ରାତ୍ରରୁ ସ୍ଥାନୀୟ ଅଞ୍ଚଳ ସମେତ ବ୍ରହ୍ମପୁର ଓ ଆଖପାଖ ଅଞ୍ଚଳରୁ ବହୁ ଲୋକ ବେଳାଭୂମି ଅଭିମୁଖେ ଆସିଥିଲେ । ମହିଳା ମାନେ ସ୍ନାନ କରିବା ପରେ ନଡ଼ିଆ, କଦଳୀ, ଫୁଲ , ଧୂପ ଦୀପ ଆଦି ଧରି ସମୁଦ୍ରରେ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିବା ସହ ବିଶ୍ୱ କଲ୍ୟାଣ ପାଇଁ ଅର୍ଘ୍ୟ ଅର୍ପଣ କରିଥିଲେ । ତାହାସହ ସମୁଦ୍ରରେ ଲୋକେ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଥିଲା । ଲୋକଙ୍କ ଗହଳିକୁ ନଜରରେ ରଖି ଗୋପାଳପୁର ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ । ବେଳାଭୂମିରେ ଉଠା ଦୋକାନୀଙ୍କ ପସରାଗୁଡିକରେ କିଣାକିଣି ପାଇଁ ମଧ ଲୋକଙ୍କ ଗହଳି ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ନାମ କିର୍ତ୍ତନ ଆୟୋଜନ କରାଯାଇଥିଲା । ବେଳାଭୂମିକୁ ଆସିଥିବା ଲୋକେ ସୂର୍ଯ୍ୟ ଉଦୟ ସହ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି।

# ମହାନଳାରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପାଟପୁର,୪।୨(ସିମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ମହାନଳା ଗ୍ରାମରେ ନବନିର୍ମିତ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ୫ ଦିନ ବ୍ୟାପୀ ଏହି ଉତ୍ସବ ପାଳନ ହେବାକୁ ଥିବାବେଳେ ପ୍ରଥମ ଦିନ ଘୋଡ଼ାହାଡ଼ ନଦୀଠାରୁ ଶତାଧିକ ମହିଳା ଜଳ କଳସ ଆଣି ଗ୍ରାମ ପରିକ୍ରମା କରି ଯଜ୍ଞବେଦୀରେ ସ୍ଥାପନ କରିଥିଲେ। ଯଜ୍ଞ ପୁରୋହିତ ଭବାନୀଶଙ୍କର ତ୍ରିପାଠୀ ଓ ଗୁରୁକୃପା ପୂଜା ଅନୁଷ୍ଠାନର କର୍ମକାଣ୍ଡ ବିଶାରଦ ପୁରୋହିତଙ୍କ ସହ ଯଜ୍ଞକର୍ତ୍ତା ବାଳକୃଷ୍ଣ ଚୌଧୁରୀ, ପଦ୍ମଲୋଚନ ପାଣିଗ୍ରାହୀ, ଅଚ୍ୟୁତାନନ୍ଦ ଦାଶ ଘୃତଯଜ୍ଞ ପରିଚାଳନା କରୁଛନ୍ତି। ମନ୍ଦିର କମିଟି ପକ୍ଷରୁ ତାରିଣୀଚରଣ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଆକୁଳଚନ୍ଦ୍ର ଚୌଧୁରୀ, ବୃନ୍ଦାବନ ସାହୁ, ରାମଚନ୍ଦ୍ର ସାହୁ, ଗୋପୀନାଥ ସାହୁ, ଏସ ପଦ୍ମନାଭ ଦୋରା, ରାମକୃଷ୍ଣ ସାହୁ, ସିମାଞ୍ଚଳ ବେହେରା ପ୍ରମୁଖଙ୍କ ସମେତ ମନ୍ଦିର କମିଟିର ସମସ୍ତ ସଭ୍ୟ, ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### କ୍ୟାନସର ଦିବସ ପାଳିତ

ଦିଗପହଣ୍ଡି,୪।୨(ଅଶେଷ ନାଥ ମିଶ୍ର)– ଦିଗପହଣ୍ଡ ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ରାମଜୀ ଡିଗ୍ରୀ କଲେଜ ପରିସରରେ ମଙ୍ଗଳବାର ବିଶ୍ୱ କ୍ୟାନସର ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ସଂସ୍ଥା, ଯୁବ ରେଡକ୍ରସ ଓ ଭାରତ ସ୍କାଉଟ ଏବଂ ଗାଇଡ ଶାଖାର ମିଳିତ ସଂଯୋଜନାରେ ଆୟୋଜିତ ସଭାରେ କଲେଜ ଅଧକ୍ଷ ନିହାର ରଞ୍ଜନ କର ସଭାପତିତ୍ୱ କରିଥିଲେ। ଡାକ୍ତର ସୁଦର୍ଶନ ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ କରାଇଥିଲେ।

# ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଚିହ୍ନଟ ଶିବିର

ଦିଗପହଣ୍ଡି,୪।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ଅଧୀନ ୨୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଦିବ୍ୟାଙ୍ଗମାନଙ୍କୁ ବିଧାୟକ ସହାୟକ ଉପକରଣ ବଣ୍ଟନ କରିଥିଲେ। ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମି ପ୍ରକାଶିନୀ ଜାନି ସଂଯୋଜନା କରିଥିଲେ। ବ୍ଲକର ୩୫୨ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରି ବିଭିନ୍ନ ସରକାରୀ ସହାୟତା ପାଇଁ ଆବେଦନ କରିଥିଲେ। ଚିହ୍ନଟ ୩୦ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ,୧୫ ଜଣଙ୍କୁ ହୁଇଲ ଚେୟାର, ୬ ଜଣଙ୍କୁ ଆଶାବାଡି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତହସିଲଦାର ଅନିତା କୁମାରୀ ସାହୁ , ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଲ୍ଲୁଡ, ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଲିଙ୍ଗରାଜ ଦୋରା, ମନୋରଞ୍ଜନ ଗୌଡା, ତପନ ପ୍ରଧାନ, ପ୍ରତିନିଧି ଆଦିତ୍ୟ ସାହୁ, ଚିତ୍ରସେନ ଗୌଡ, ସନ୍ତୋଷ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ ପ୍ରଧାନ ଶିବିର ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ସହାୟକ ପ୍ରେମାନନ୍ଦ ପାଣିଗ୍ରାହୀ, ସାଗର ରାଉଳ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ, ସମିତିସଭ୍ୟଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ହିଞ୍ଜିଳିକାଟୁ, ୪।୨(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜନଶୁଣାଣି ବୈଠକ ଚାଲିଥିବା ବେଳେ ଜଣେ ବ୍ୟକ୍ତି ନିଜକୁ ରିପୋର୍ଟର ପରିଚୟ ଦେଇ ଉକ୍ତ ବୈଠକକୁ ଯିବା ଓ ଜଣେ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଦୁର୍ବ୍ୟବହାର ସହ ହତ୍ୟା ଧମକ ଦେବା ଭଳି ସଙ୍ଗୀନ ଅଭିଯୋଗ ହିଞ୍ଜିଳି ଥାନାରେ ହୋଇଛି। ଅନ୍ୟପକ୍ଷରେ ନିଜକୁ ମୋବାଇଲ ରିପୋର୍ଟର ଦାବି କରୁଥିବା ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ସମିତିସଭ୍ୟ ଓ ସରପଞ୍ଚ ଗାଳିଗୁଲଜ କରିଥିବା ନେଇ ହିଞ୍ଜିଳି ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ହିଞ୍ଜିଳି ଥାନାରେ ପୃଥକପୃଥକ୍ ୩ଟି ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ହିଞ୍ଜିଳିକାଟୁ ବ୍ଲକ ଗଣ୍ଡଳା ପଞ୍ଚାୟତର ସମିତିସଭ୍ୟ ପ୍ରଶାନ୍ତ ସାହୁ ସୋମବାର ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଜନଶୁଣାଣି ବୈଠକରେ ଉପସ୍ଥିତ ଥିଲେ। ଏହି ସମୟରେ ମୋବାଇଲ ରିପୋର୍ଟର କନ୍ଧଖରିଡା ଗ୍ରାମର ଶଙ୍କର ନାୟକ ବୈଠକକୁ ଯାଇଥିଲେ। ସମିତିସଭ୍ୟ ସାହୁ ନାୟକଙ୍କୁ ୫ ହଜାର ଟଙ୍କା ପୂର୍ବରୁ ଦେଇଥିବା ସତ୍ତ୍ୱେ ତାଙ୍କୁ ସ୍ୱତନ୍ତ୍ର ଉତ୍ସବରେ କାହିଁକି ଏଯାଏ ସମ୍ମାନିତ କରାଯାଇନାହିଁ

**ଥାନାରେ ୩ ପୃଥକ ମାମଲା ରୁଜୁ**

ବୋଲି ତାଙ୍କୁ ପଚାରିଥିଲେ। ୧୦ ହଜାର ଟଙ୍କା ଦେଇଥିଲେ ସମ୍ମାନିତ କରାଯାଇଥାନ୍ତା ବୋଲି ନାୟକ କହିଥିଲେ। ଏହାକୁ ନେଇ ବୈଠକରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଦାରୁଭଦ୍ରା ସରପଞ୍ଚ ବିକାଶ ସେଠୀ ହସ୍ତକ୍ଷେପ କରିଥିଲେ। ମୋବାଇଲ ରିପୋର୍ଟର ନାୟକ ସମିତିସଭ୍ୟ ସାହୁଙ୍କୁ ହତ୍ୟା ଧମକ ଦେବା ସହ ଖେଳପଡିଆ ଉନ୍ନତିକରଣ ବାବଦକୁ ଅର୍ଥ ହେରଫେର କରିଥିବା ନେଇ ଆକ୍ଷେପ ଆକ୍ଷେପ କରିଥିଲେ। ଏନେଇ ସମିତି ସଭ୍ୟ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗଣ୍ଡଗୋଳରେ ହସ୍ତକ୍ଷେପ କରିଥିବା ସରପଞ୍ଚ ସେଠୀଙ୍କୁ ମୋବାଇଲ ରିପୋର୍ଟର ନାୟକ ଜାତିଆଣ ଆକ୍ଷେପ କରିବା ସହ ତାଙ୍କର ଏକ ନଗ୍ନ ଭିଡିଓ ଭାଇରାଲ କରିବା ନେଇ ଧମକ ଦେଇଥିବା ସରପଞ୍ଚ ସେଠୀ ଥାନାରେ ଅଭିଯୋଗ କରିଛନ୍ତି। ମୋବାଇଲ ରିପୋର୍ଟର ନାୟକଙ୍କୁ ବିନା ଅନୁମତିରେ ବୈଠକକୁ କାହିଁକି ଆସିଛ କହି ସମିତି ସଭ୍ୟ ସାହୁ ଓ ସରପଞ୍ଚ ସେଠୀ ଗାଳିଗୁଲଜ କରିବା ସହ ଅପମାନିତ କରିଥିବା ନାୟକ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ହିଞ୍ଜିଳି ଥାନାରେ ନଂ. ୮୬, ୮୭ ଓ ୮୮/୨୫ରେ ୩ଟି ପୃଥକ୍‌ପୃଥକ୍ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ଶ୍ରୀନିବାସ ସେଠୀ କହିଛନ୍ତି।

# ଏମ୍‌କେସିଜି ମେଡିକାଲ କଲେଜ ଚାମ୍ପିୟନ

## ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଗୋପାଳପୁର,୪।୨(ସୁବାସ ଚନ୍ଦ୍ର ପାଢ଼ୀ)



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ପାଟପୁରଠାରେ ଚାଲିଥିବା ୫୪ତମ ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ଚିକିଟି ମହାବିଦ୍ୟାଳୟ ମଧରେ ଅନୁଷ୍ଠିତ ହୋଇଥିଲା । ଏମକେସିଜି ମେଡିକାଲ କଲେଜ ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ଚିକିଟି ମହାବିଦ୍ୟାଳୟ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ କରିଥିଲା। ଏମକେସିଜି ମେଡିକାଲ କଲେଜ ଟିମ୍ ୧୫ ଓଭରରେ ୫ ଉଇକେଟ ହରାଇ ୧୦୨ ରନ କରି ଚମ୍ପିୟାନ ହୋଇଥିଲା । ଟିମର ପ୍ରୀତମ କୁମାର ୪ ଓଭରରେ ୧୩ ରନ ଦେଇ ୫ଟି ଉଇକେଟ ନେଇ ଥିବା ବେଳେ ପିୟୁସ ନନ୍ଦ ୩୩ ବଲରେ ୩୪ ରନ କରିଥିଲେ । ଅମ୍ପାୟାର ମାଧବ ଖୁଣ୍ଟିଆ,ବାସୁଦେବ ପାଣିଗ୍ରାହୀ, ସ୍କୋରର ଭାବେ ଶିବରାମ ପ୍ରଧାନ ଦାୟିତ୍ୱ ତୁଲାଇ ଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟପୁର କଲେଜର ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଥଲେଟିକ ସଂଘର ଉପ ସଭାପତି ଡ଼. କୈଳାଶ ଚନ୍ଦ୍ର ସ୍ୱାଇଁ, ପିଇଓ ରବି ଚରଣ ମିଶ୍ର, ଡ଼. ସୋମେନ୍ଦ୍ର କୁମାର ସାହୁ ଯୋଗ ଦେଇ ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ପାଟପୁର ପିଇଟି ଲକ୍ଷଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

